## ଅଟୋ ଓଲଟି ୭ ଆହତ

ସୋରଡ଼ା, (ଡି.ଏନ୍.ଏ.): ସୋରଡ଼ା ବ୍ଲକ ଗୋପାଳପୁର ଶାସନ ପଞ୍ଚାୟତ କେଶରିପାଟନା ଗ୍ରାମରେ ଶୁକ୍ରବାର ଏକ ଅଟୋ ଓଲଟି ପଡ଼ିବାରୁ ଗୋଟିଏ ପରିବାରର ୭ ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ରୁନୁଲତା ତ୍ରିପାଠୀ , ମଧୁମଙ୍ଗଳ, ସଞ୍ଜୟ ପଣ୍ଡା, ଅନିତା, ବାସୁଦେବ, ଆଦର୍ଶ, ଶୁଭଶ୍ରୀ। ପରିବାରର ୭ ଜଣ ସଦସ୍ୟ ବଣ ଭୋଜି କରିବାକୁ ଅଟୋ ଯୋଗେ ତପ୍ତପାଣି ଯାଇଥିଲେ। ଅପରାହ୍ନରେ ସେଠାରୁ ଫେରିବା ବେଳେ ବଡଗଡ ସୋରଡା ରାସ୍ତା ଘୁଙ୍ଗୀ ମନ୍ଦିର ସାମନାରେ ଅଟୋଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିଲା। ଫଳରେ ସମସ୍ତ ଆହତଙ୍କୁ ସୋରଡ଼ା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ରୁନୁ ଗୁରୁତର ଥିବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି।

## ସଂକ୍ଷେପରେ

### ନାଗ ଉଦ୍ଧାର

ବଲସକୁମ୍ପା, ୬।୮: ଖଜୁରିପଡ଼ା ବ୍ଲକ ଦୂତିମେଣ୍ଡି ପଞ୍ଚାୟତ ନେଡି ସାହିରେ ବାସ କରୁଥିବା ରଞ୍ଜିତା ମଲ୍ଲିକଙ୍କ ଘରୁ ଶୁକ୍ରବାର ଏକ ବିଷଧର ନାଗ ଉଦ୍ଧାର କରାଯାଇଛି। ରଞ୍ଜିତାଙ୍କ ଘରେ ସାପ ପଶିଥିବା ନେଇ ଟିମ୍ ହ୍ୟୁମାନିଟି କନ୍ଧମାଳ ଆବାହକ ଭି.ଲୋକନାଥ ରାଜୁଙ୍କୁ ଜଣାଯାଇଥିଲା। ସ୍ନେକ ହେଲ୍ପ ଲାଇନ ସଦସ୍ୟମାନେ ପହଞ୍ଚି ରଞ୍ଜିତାଙ୍କ ଘରୁ ସୁରକ୍ଷିତ ଭାବେ ସାପଟିକୁ ଉଦ୍ଧାର କରି ସହରଠୁ ଦୂର ଜଙ୍ଗଲରେ ଛାଡ଼ି ଦେଇଛନ୍ତି।

### ୮ ଜୁଆଡି ଗିରଫ

ପୋଲସରା, ୬।୮(ଡି.ଏନ.ଏ.): ପୋଲସରା ଥାନା କେନ୍ଦୁବାଡି ପଞ୍ଚାୟତ ଅଧୀନ ଗରେଇଝୁଲି ପାହାଡ଼ ନିକଟରେ ବହୁଦିନ ଧରି ଚାଲିଥିବା ଏକ ଜୁଆ ଆଡ୍ଡାରେ ଶୁକ୍ରବାର ପୋଲିସ ଚଢ଼ାଉ କରିଥିଲା। ସେଠାରୁ ୮ ଜଣ ଜୁଆଡିଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ୫୦ ହଜାର ୩ଶହ ଟଙ୍କା ଓ ୮ ବାଇକ୍ ଜବତ ହୋଇଛି।

### ୨ ଅନାଥ ପିଲାଙ୍କୁ ଆପଣାଇଲା ଜିଲା ପ୍ରଶାସନ

ପାରଳାଖେମୁଣ୍ଡି,୬।୮(ଡି.ଏନ୍.ଏ.):ଗଜପତି ଜିଲା ରାୟଗଡ ଗ୍ରାମରେ ମା', ବାପାଙ୍କୁ ହରାଇଥିବା ୨ ଅନାଥ ପିଲାଙ୍କୁ ଜିଲା ପ୍ରଶାସନ ଉଦ୍ଧାର କରିଥିଲା। ଶୁକ୍ରବାର ଜିଲାପାଳ ଲିଙ୍ଗରାଜ ପଣ୍ଡାଙ୍କ ନିର୍ଦ୍ଦେଶରେ ଚାଇଲ୍ଡଲାଇନର ଦୁଇ ସଦସ୍ୟ ରାୟଗଡରେ ପହଞ୍ଚି ଶିଶୁମାନଙ୍କ ଆବଶ୍ୟକ କାଗଜପତ୍ର ସ୍କୁଲ ଏବଂ ଅଙ୍ଗନୱାଡି କେନ୍ଦ୍ରରୁ ସଂଗ୍ରହ କରିଥିଲେ। ପରେ ଶିଶୁମାନଙ୍କୁ ଶିଶୁ ମଙ୍ଗଳ ସମିତି, ଗଜପତିରେ ଉପସ୍ଥାପନ କରାଯାଇଥିଲା। ଶିଶୁ ମଙ୍ଗଳ ସମିତିର ନିର୍ଦ୍ଦେଶ କ୍ରମେ ଶିଶୁ ମାନଙ୍କୁ ନିସାନ ସାଲୋମ ଶିଶୁ ଯତ୍ନ ଅନୁଷ୍ଠାନ ଗୁମ୍ମାରେ ଥଇଥାନ କରାଯାଇଛି। ସେମାନଙ୍କୁ ଗୁମ୍ମାର ସରକାରୀ ବିଦ୍ୟାଳୟରେ ନାମ ଲେଖାଯିବ। ସେମାନଙ୍କର ସମସ୍ତ ଯତ୍ନ ଜିଲା ପ୍ରଶାସନ ତରଫରୁ ନିଆଯିବ ଏବଂ ଆଶୀର୍ବାଦ ଯୋଜନାରେ ଅନ୍ତର୍ଭୁକ୍ତ କରି ମାସିକ ଏକ ହଜାର ଟଙ୍କା ସେମାନଙ୍କ ଆକାଉଣ୍ଟରେ ଜମା କରାଯିବ।

### ମୃତଦେହ ସତ୍କାର କରି ଶୋଇଥିବା ଯୁବକଙ୍କ ମୃତ୍ୟୁ

ପାତ୍ରପୁର, ୬।୮(ଡି.ଏନ.ଏ.):ପାତ୍ରପୁର ବ୍ଲକ ଆଙ୍କୁଲି ପଞ୍ଚାୟତ ଏଲଗଲ ଗ୍ରାମର ଜଣେ ଯୁବକଙ୍କ ମୃତଦେହ ସତ୍କାର କରି ଘରେ ଶୋଇଥିବା ଯୁବକଙ୍କ ଶୁକ୍ରବାର ମୃତ୍ୟୁ ଘଟିଛି। ସେ ହେଲେ ଜଟେଶ୍ୱର ବେହେରା (୪୦ )। ଜଟେଶ୍ୱର ଗ୍ରାମର କେତେଜଣ ଲୋକଙ୍କ ସହିତ ନିକଟ ମାଡୁଆ ଗ୍ରାମର ବୁଦ୍ଧି ଦଳେଇଙ୍କ ମୃତଦେହ ସତ୍କାର କରିବାକୁ ଯାଇଥିଲେ। ସେଠାରୁ ଅପରାହ୍ନରେ ଫେରିଥିଲେ। ଘରକୁ ଆସି ସେ ଶୋଇ ଥିବା ବେଳେ ତାଙ୍କର ମୃତ୍ୟୁ ହୋଇଥିବା ସ୍ତ୍ରୀ କହିଛନ୍ତି। ତେବେ ତାଙ୍କ ମୃତ୍ୟୁର କାରଣ ଜଣାପଡ଼ିନାହିଁ।

### ଟ୍ରକ ମାଲିକ ସଂଘ ବୈଠକ

ଆସିକା,୬।୮(ଡି.ଏନ.ଏ.):ଗଞ୍ଜାମ ଜିଲା ଟ୍ରକ ମାଲିକ ସଂଘ ଆସିକା ଶାଖା ସାଧାରଣ ବୈଠକ ବୁଧବାର ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସଂଘ ଆୟବ୍ୟୟ ପଠନ ସାଙ୍ଗକୁ କରୋନା କଟକଣା ଯୋଗୁ ବନ୍ଦ ହୋଇ ରହିଥିବା କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ସଭାପତି ଭାବେ ନିଗମାନନ୍ଦ ମହାନ୍ତି, ଉପସଭାପତି ସୂର୍ଯ୍ୟନାରାୟଣ ନାହାକ, ସମ୍ପାଦକ ଉପେନ୍ଦ୍ର ପାଢୀ, ସହସମ୍ପାଦକ ରବୀନ୍ଦ୍ରନାଥ ପୋଲାଇ, କୋଷାଧ୍ୟକ୍ଷ ରୂପେ ପ୍ରଦୀପ କୁମାର ପାଢୀ ଓ ୧୬ଜଣଙ୍କୁ ନେଇ ଏକ କାର୍ଯ୍ୟକାରୀ କମିଟି ଗଠିତ ହୋଇଥିଲା।

### ଦିବ୍ୟାଙ୍ଗ ଛାତ୍ରୀଛାତ୍ର ,ବରିଷ୍ଠ ନାଗରିକଙ୍କୁ ଉପକରଣ ବଣ୍ଟନ

ଦାରିଙ୍ଗବାଡ଼ି,୬।୮(ଡି.ଏନ.ଏ.): ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳର ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ସମେତ ଦିବ୍ୟାଙ୍ଗ ବରିଷ୍ଠ ନାଗରିକଙ୍କୁ ଶୁକ୍ରବାର ବିଭିନ୍ନ ଉପକରଣ ବଣ୍ଟନ କରାଯାଇଛି। ରାପଡ଼ାବାଡ଼ି ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ଟ୍ରାଇ ସାଇକଲ ସମେତ ଶ୍ରବଣ ଯନ୍ତ୍ର, ଖେଳ କିଟ ଆଦି ଦିଆଯାଇଥିବା ବେଳେ ଦାରିଙ୍ଗବାଡ଼ି ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦିବ୍ୟାଙ୍ଗ ବରିଷ୍ଠ ନାଗରିକଙ୍କୁ ୧୧୫ ଟ୍ରାଇସାଇକଲ ସମେତ ହୁଇଲ ଚେୟାର, କୃତ୍ରିକ ଦାନ୍ତ, ଶ୍ରବଣଯନ୍ତ୍ର ଆଦି ଦିଆଯାଇଥିଲା । ଉଭୟ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ସାଲୁଗା ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି ଉପକରଣ ବଣ୍ଟନ କରିଥିଲେ। ବିଦ୍ୟାଳୟର କାର୍ଯ୍ୟକ୍ରମରେ ଅନ୍ୟ ଅତିଥିଙ୍କ ମଧ୍ୟରେ ଏବିଇଓ ସୁବାସିନି ଦିଗାଲ, ବିଦ୍ୟାଳୟର ଚାରୁଶିଳା ମଲ୍ଲିକ, ବରିଷ୍ଠ ଶିକ୍ଷକ ବିଦେଶୀ ନାୟକ, ପୂର୍ବତନ ସରପଞ୍ଚ ଜ୍ୟୋତିରାଜ ପ୍ରଧାନ, ବିଧାୟକ ପ୍ରତିନିଧି ଦିପକ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ପଞ୍ଚାୟତ କାର୍ଯ୍ୟାଳୟ କାର୍ଯ୍ୟକ୍ରମରେ ବିଡିଓ କଳାକୃଷ୍ଣ ପ୍ରଧାନ, ବ୍ଲକ ଅଧକ୍ଷା ରୁଦା ମଲ୍ଲିକ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁନିଲ କୁମାର ମିଶ୍ର ପ୍ରମୁଖ ଯୋଗଦେଇଥିଲେ ।

# ସ୍କୁଲ ଭଳି ସ୍ୱାସ୍ଥ୍ୟକେନ୍ଦ୍ରକୁ ପୋଷ୍ୟ ଗ୍ରହଣ କର

ଛତ୍ରପୁର,୬।୮(ଡି.ଏନ.ଏ.)



ବୈଠକରେ ଜିଲାପାଳ ଓ ଅନ୍ୟମାନେ ଉପସ୍ଥିତ ।

■୧୨୬.୫୫ କୋଟି ଅନୁଦାନ ଆସିଛି
■ରୋଗୀଙ୍କୁ ଉତ୍ତମ ସେବା ଯୋଗାଅ

୨୦୨୧-୨୨ ଆର୍ଥିକ ବର୍ଷରେ ଗଞ୍ଜାମ ଜିଲାରେ ସ୍ୱାସ୍ଥ୍ୟ ସେବାକୁ ସୁଦୃଢ କରିବାକୁ ନେଇ ଜିଲାପାଳଙ୍କ କାର୍ଯ୍ୟାଳୟରେ ଏକ ଆଭାସୀ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଆଗତ ବୈଠକରେ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଜଣାଇଥିଲେ, ବର୍ତ୍ତମାନ ସ୍ଥିତିରେ ଜିଲାର ବିଦ୍ୟାଳୟଗୁଡିକୁ ପୋଷ୍ୟ ଭବେ ଗ୍ରହଣ କରି ଅତ୍ୟାଧୁନିକ ବିଦ୍ୟାଳୟରେ ପରିଣତ କରାଯାଇ ପରିବେଶ, ସୌନ୍ଦର୍ଯ୍ୟକରଣ, ଶ୍ରେଣୀ ଗୃହର ବ୍ୟବସ୍ଥା ସହିତ ଛାତ୍ରୀଛାତ୍ର ପାଠପଢା ମନୋବୃତ୍ତି ପ୍ରତି କିଭଳି ଆକୃଷ୍ଟ ହେବେ ସେଥିନେଇ ସମସ୍ତ କାର୍ଯ୍ୟ ଚାଲିଛି। ସେହିଭଳି ଜିଲାର ସମସ୍ତ ଚିକିତ୍ସାଳୟଗୁଡିକରେ ପରିବର୍ତ୍ତନର ଆବଶ୍ୟକତା ରହିଛି। ଜଣେ ରୋଗୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିବା ପରେ ସେ ଯେପରି ପରିବେଶ, ଡାକ୍ତର, ଆଟେଣ୍ଡାଣ୍ଟ, ସେବିକାଙ୍କ ଦ୍ୱାରା ଉପଯୁକ୍ତ ଆତ୍ମୀୟତା ଉପଲବଧି କରି ଚିକିତ୍ସା ପାଇ ସୁସ୍ଥ ହେବେ ସେ ଲକ୍ଷ୍ୟନେଇ କାର୍ଯ୍ୟ ଖସଡା ପ୍ରସ୍ତୁତ କରିବାକୁ କହିଥିଲେ। ଡାକ୍ତର କିମ୍ବା ଆଗ୍ରହୀ ବ୍ୟକ୍ତି ଚିକିତ୍ସାଳୟକୁ ପୋଷ୍ୟଭାବେ ଗ୍ରହଣ କରିବା ନେଇ ତତ୍ପରତା ପ୍ରକାଶ କରନ୍ତୁ ବୋଲି ମତ ରଖିଥିଲେ। ବର୍ତ୍ତମାନ ସ୍ଥିତିରେ ଚିକିତ୍ସାଳୟ ଗୁଡିକର ଆବଶ୍ୟକତା ନେଇ ଅତ୍ୟାଧୁନିକ ବ୍ୟବସ୍ଥା ନିମନ୍ତେ ପଦକ୍ଷେପ ନେବାକୁ ଜଣାଇଥିଲେ । ରୋଗୀଙ୍କ ଲାଗି ବସିବା ସ୍ଥାନ, ପାନୀୟଜଳ, ଡିକ୍ ସାଇନ୍ ବୋର୍ଡରେ ସମସ୍ତ ସୂଚନା ବ୍ୟବସ୍ଥା ସହିତ ଚିକିତ୍ସାଳୟ କେନ୍ଦ୍ରଗୁଡିକୁ ପ୍ରସ୍ତୁତ କରିବାପାଇଁ ଉପଦେଶ ଦେଇଥିଲେ । ଚଳିତ ଆର୍ଥିକ ବର୍ଷ ନିମନ୍ତେ ଜିଲାକୁ ୧୨୬.୫୫କୋଟି ଅନୁଦାନ ଆସିଛି, ଯାହାକି ରାଜ୍ୟର ସମସ୍ତ ଜିଲାମାନଙ୍କଠାରୁ ଅଧିକ । ଏହି ଆବଣ୍ଟନ ଅର୍ଥର ୩୦ରୁ ୩୬ ପ୍ରତିଶତ ଅଂଶ କେବଳ ଭିତ୍ତିଭୂମି ସକାଶେ ବିନିଯୋଗ ହେବ। କର୍ମଶାଳାରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଉମାଶଙ୍କର ମିଶ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରି ଆଭିମୁଖ୍ୟ ସମ୍ପର୍କରେ କହିଥିଲେ । ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲା ଯୋଜନା ଅଧିକାରୀ ଶ୍ୟାମ ସୁନ୍ଦର ତ୍ରିପାଠୀ କାର୍ଯ୍ୟକାରୀ ହେବାକୁ ଥିବା ଯୋଜନା ସମ୍ପର୍କରେ ଦର୍ଶାଇଥିଲେ। ଜିଲା ମାତୃ ଓ ଶିଶୁ ସଂଯୋଜକ ଶକ୍ତି କୁମାର ଦିଗାଲ ଶିଶୁ ସ୍ୱାସ୍ଥ୍ୟ ଯୋଜନା, ଗର୍ଭବତୀଙ୍କ ନିମନ୍ତେ କରାଯାଇଥିବା ନୂଆ ଯୋଜନା ବିଷୟରେ ଅବଗତ କରିଥିଲେ। ବୈଠକରେ ଜିଲା ପରିଷଦ ଉପାଧ୍ୟକ୍ଷା ସ୍ନେହଲତା ପଣ୍ଡା, ସମସ୍ତ ବିଡିଓ, ସ୍ୱାସ୍ଥ୍ୟ ଅଧିକାରୀ ଓ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀଗଣ ଉପସ୍ଥିତ ଥିଲେ।

# ହାତୀ ଆକ୍ରମଣରେ ୨ ଯୁବକ ଆହତ

ବୁଗୁଡ଼ା, ୬।୮(ଡି.ଏନ.ଏ.)

ବୁଗୁଡ଼ା ବନାଞ୍ଚଳ ଅନ୍ତର୍ଗତ ଭଗବାନପୁର-ଶୁଳିଆପଲ୍ଲୀ ରାସ୍ତାରେ ଗୁରୁବାର ରାତିରେ ହାତୀ ଆକ୍ରମଣରେ ୨ ଜଣ ଯୁବକ ଆହତ ହୋଇଛନ୍ତି। ସେମାନେ ହେଲେ ବୁଗୁଡ଼ା ଥାନା ଅନ୍ତର୍ଗତ ଅରଖପୁର ଗ୍ରାମର ସୁଶାନ୍ତ ଦଳେଇ ଓ ମନୋଜ ପ୍ରଧାନ। ସୁଶାନ୍ତ ଓ ମନୋଜ ଶୁଳିଆପଲ୍ଲୀକୁ କାମ କରିବାକୁ ଯାଇଥିଲେ। ରାତି ୧୦ଟାରେ ବାଇକ୍‌ରେ ଗାଁକୁ ଫେରୁଥିବା ବେଳେ ଶୁଳିଆପଲ୍ଲୀ ନିକଟ ରାସ୍ତା ଉପରେ ଥିବା ଏକ ହାତୀ ଦେଖି ସେଠାରେ କିଛି ସମୟ ଅଟକି ଥିଲେ। ସେହି ସମୟରେ ପଛ ପଟୁ ଆସୁଥିବା ହାତୀ ପଲ ମଧ୍ୟରୁ ଗୋଟିଏ ହଠାତ୍ ବାଇକ୍ ସହ ଆରୋହୀଙ୍କୁ ଫୋପାଡ଼ି ଦେଇଥିଲା। ଖବର ପାଇ ବନାଞ୍ଚଳ ଅଧିକାରୀ ଫକୀର ଚରଣ ବେହେରା ସଦଳବଳ ପହଞ୍ଚି ଦୁଇ ଆହତଙ୍କୁ ଉଦ୍ଧାର କରି ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚାଇଥିଲେ। ସୁଶାନ୍ତଙ୍କୁ ଗୁରୁତର ଅବସ୍ଥାରେ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଆହତ ଦ୍ୱୟଙ୍କ ପ୍ରାଥମିକ ଚିକିତ୍ସା ପାଇଁ ବିଭାଗ ତରଫରୁ ୫ ହଜାର ଟଙ୍କାର ଆର୍ଥିକ ସହାୟତା ଯୋଗାଇ ଦିଆଯାଇଥିଲା।

# କୃଷି ସୂଚନା, ପରାମର୍ଶ କେନ୍ଦ୍ର ଉଦ୍‌ଘାଟିତ



ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ଉଦ୍‌ଘାଟନ କରୁଛନ୍ତି ।

ଆସିକା,୬।୮(ଡି.ଏନ.ଏ.)

ଆସିକା-ବାଲିପଦର ରାସ୍ତାର ବାବନପୁର କୃଷ୍ଣ ତାଲିମ କେନ୍ଦ୍ର ନିକଟରେ ଶୁକ୍ରବାର ସ୍ଥାନୀୟ ବ୍ଲକ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ରର ନିଜସ୍ୱ କୋଠା ବିଧାୟିକା ମଞ୍ଜୁଳା ସ୍ୱାଇଁ ଉଦ୍‌ଘାଟନ କରିଛନ୍ତି। ବ୍ଲକ କୃଷି ଅଧିକାରୀ ବସନ୍ତ କୁମାର ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା କୃଷି ଅଧିକାରୀ ରାମଚନ୍ଦ୍ର ମିଶ୍ର, ଯୁବନେତା ନଚିକେତା ସ୍ୱାଇଁ, ଆତ୍ମା ଅଧକ୍ଷ ଭଗବାନ ପ୍ରଧାନ, ବ୍ଲକ ସହକାରୀ କୃଷି ଅଧିକାରୀ ଶୁଭ୍ରତା ମିଶ୍ର, ଦୀପକ କୁମାର ନାୟକ ପ୍ରମୁଖ ଯୋଗଦେଇଥିଲେ। ଏହି କେନ୍ଦ୍ର ପ୍ରତିଷ୍ଠା ଫଳରେ ଆସିକା ବ୍ଲକ କୃଷି, ଉଦ୍ୟାନ, ମତ୍ସ୍ୟ ଚାଷ, ପ୍ରାଣୀ ବିକାଶ ଆଦି କ୍ଷେତ୍ରରେ ରିତିମତ ଚାଷୀଙ୍କ ସହ ବୈଠକ ସାଙ୍ଗକୁ ସେମାନଙ୍କୁ ଏହି କ୍ଷେତ୍ରରେ ସମସ୍ତ ପ୍ରକାର ସହାୟତା ପ୍ରଦାନ ହୋଇପାରିବ ବୋଲି କୁହାଯାଇଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଯୁବନେତା ଶିବ ନାହାକ, ଭଗବାନ ସାହୁ, ଦିଲ୍ଲୀପ ପାଣିଗ୍ରାହୀ, ସତ୍ୟନାରାୟଣ ସ୍ୱାଇଁ, ଅନିଲ କୁମାର ନାୟକ, ସୂର୍ଯ୍ୟକାନ୍ତ ପରିଡା, ରାଜେଶ ପଟ୍ଟନାୟକ, ନାଗାର୍ଜୁନ ବିଷୋୟୀ, ମାନସ ଗୌଡ, କଳ୍ପନା ଭୋଳଙ୍କ ସମେତ ବହୁ ସରପଞ୍ଚ ଓ ସମିତି ସଭ୍ୟ ସାମିଲ ଥିଲେ।

# ନ୍ୟାୟ ଦାବିରେ ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଚାଷୀ

ପାରଳାଖେମୁଣ୍ଡି, ୬।୮(ଡି.ଏନ୍.ଏ.)

## ଆନ୍ଧ୍ର ଚାଷୀଙ୍କ କବ୍‌ଜାରେ ଓଡ଼ିଶା ଜମି



ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ଚାଷୀମାନେ।

ଆନ୍ଧ୍ର ସୀମାନ୍ତରେ ରହିଛି ଗଜପତି ଜିଲା। ଏହାର ସୁଯୋଗ ନେଇ କିଛି ଶକ୍ତିଶାଳୀ ଜମିମାଫିଆ ଆନ୍ଧ୍ର ରାଜସ୍ୱ ଅଧିକାରୀଙ୍କ ସହାୟତାରେ ଓଡ଼ିଶାର ଗରିବ ଚାଷୀଙ୍କ ଜମିକୁ ଆନ୍ଧ୍ର ସୀମାରେ ଥିବା ଦର୍ଶାଇ ଦୀର୍ଘ ୪୦ ବର୍ଷଧରି ଦଖଲରେ ରଖିଛନ୍ତି। ଏ ନେଇ ଗଜପତିର ଚାଷୀମାନେ ନିଜ ଚାଷ ଜମି ଫେରି ପାଇବା ପାଇଁ ବାରମ୍ବାର ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ ବର୍ତ୍ତମାନ ସୁଦ୍ଧା ସେମାନଙ୍କୁ କୌଣସି ନ୍ୟାୟ ମିଳିନାହିଁ । ଏହି ନ୍ୟାୟ ଦାବି କରି ଚାଷୀମାନେ ଗୁରୁବାର ପୁଣି ଗଜପତି ଜିଲାପାଳ ଲିଙ୍ଗରାଜ ପଣ୍ଡାଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ଦୀର୍ଘ ୪୦ ବର୍ଷ ଧରି ଓଡ଼ିଶାର ଗଜପତି ଓ ଆନ୍ଧ୍ରର ଶ୍ରୀକାକୁଲମ ଜିଲା ସୀମାନ୍ତରେ ଥିବା ଚେରିଗୁଡି ଖାସ୍ପା ଅଞ୍ଚଳର ଚାଷ ଜମି ମାଲିକାନା ନେଇ ବିବାଦ ଚାଲିଛି। ପାରଳାଖେମୁଣ୍ଡି ତହସିଲ, କାଶୀନଗର ତହସିଲ ଓ ଆନ୍ଧ୍ରର ଶ୍ରୀକାକୁଲମ ତହସିଲ ଆଦି ୩ଟି ତହସିଲର ସଂଯୋଗସ୍ଥଳୀ ଆନ୍ଧ୍ରର ଏସ୍.କାବିଟି ଗ୍ରାମ ନିକଟରେ ୧୨ଏକର ଚାଷ ଜମି ରହିଛି। ଏହି ଜମିକୁ ନେଇ ଗଜପତି ଓ ଶ୍ରୀକାକୁଲମ ଚାଷୀମାନଙ୍କ ମଧ୍ୟରେ ଦୀର୍ଘ ୪୦ବର୍ଷ ଧରି ବହୁ ବିବାଦ ରହିଆସିଛି । ପ୍ରତିବର୍ଷ ଆନ୍ଧ୍ର ଶ୍ରୀକାକୁଲମର ଚାଷୀମାନେ ଜବରଦସ୍ତ ଏହି ୧୨ ଏକର ଚାଷ ଜମିରୁ ବିଭିନ୍ନ ଫସଲ କାଟି ନେଉଥିଲେ। ଏ ନେଇ ଓଡ଼ିଶା ଚାଷୀମାନେ ବାରମ୍ବାର ବିରୋଧ କରୁଥିଲେ। ବିବାଦ ଦିନକୁ ଦିନ ବଢି ଚାଲିଥିଲେ ସୁଦ୍ଧା ଉଭୟ ରାଜ୍ୟର ପ୍ରଶାସନ କୌଣସି ପ୍ରତିକାର କରୁ ନ ଥିଲେ। ୧୦ ମାସ ପୂର୍ବେ ତତ୍କାଳୀନ ଜିଲାପାଳ ଅନୁପମ ଶାହା ହସ୍ତକ୍ଷେପ କରି ଉଭୟ ଗଜପତି ଓ ଶ୍ରୀକାକୁଲମ ଜିଲା ପ୍ରଶାସନର ମିଳିତ ଅନୁଧ୍ୟାନ ଓ ମାପଚୁପ କରି ଜମିକୁ ଚିହ୍ନଟ କରିବା ସହ ଓଡ଼ିଶାର ଚାଷୀଙ୍କ ଜମିରେ ସେମାନଙ୍କ ମାଲିକାନା ଜାହିର କରିବାପାଇଁ ପଦକ୍ଷେପ ଗ୍ରହଣ କରିଥିଲେ। ବର୍ତ୍ତମାନ ସମାଧାନ ହୋଇନି। ଚେରିଗୁଡି ଖାସ୍ପା ଅଞ୍ଚଳର ଚାଷୀମାନେ ପୁଣି ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି।

### ବିଜୁ ଛାତ୍ର ଜନତା ଦଳ କର୍ମକର୍ତ୍ତାଙ୍କ ବୈଠକ

ଶେରଗଡ଼,୬।୮(ଡି.ଏନ.ଏ.)

ଶେରଗଡ ବ୍ଲକ ନିକଟସ୍ଥ ଦକ୍ଷିଣକାଳୀ ମନ୍ଦିର ପ୍ରାଙ୍ଗଣରେ ଶୁକ୍ରବାର ବିଜେଡି କର୍ମକର୍ତ୍ତା ମାନଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଶରତ ଚନ୍ଦ୍ର ମହାପାତ୍ର ଦିପ ପ୍ରଜ୍ଜଳନ କରି ବୈଠକକୁ ଶୁଭାରମ୍ଭ କରିଥିଲେ। ବିଜୁଛାତ୍ର ଜନତା ଦଳରେ ଅଧିକରୁ ଅଧିକ ଛାତ୍ରକମାନଙ୍କୁ ସାମିଲ କରି ଏକ ଜନ ଆନ୍ଦୋଳନ ସୃଷ୍ଟି କରିବା ନେଇ ବୈଠକରେ କର୍ମକର୍ତ୍ତାମାନେ କହିଥିଲେ। ବିଜୁ ଛାତ୍ର ଜନତା ଦଳ ଜିଲା ସଭାପତି ପ୍ରଶାନ୍ତ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ବିଜୁ ଛାତ୍ର ଜନତାଦଳ ପର୍ଯ୍ୟବେକ୍ଷକ ଅରୁଣ ଶ୍ରୀଚନ୍ଦନ, ଡିଜିଟାଲ ସଂଯୋଜକ ନିଖିଲ ଚୌଧୁରୀ, ବ୍ଲକ ବିଜୁ ଛାତ୍ର ଜନତା ଦଳ ସଭାପତି ଜଗନ୍ନାଥ ଗୌଡ, ବ୍ଲକ ବିଜେଡି ସଭାପତି ଶରତ ଚନ୍ଦ୍ର ପାତ୍ର, ଯୁବ ବିଜେଡି ସଭାପତି ସନ୍ତୋଷ କୁମାର ପଟ୍ଟନାୟକ ବ୍ଲକ ଉପାଧ୍ୟକ୍ଷ ବିଶ୍ୱନାଥ ସ୍ୱାଇଁ, ଜିଲାପରିଷଦ ସଭ୍ୟ ପ୍ରମୋଦ କୁମାର ପାତ୍ର, ସମୀର ପ୍ରଧାନ,ଚିତ୍ତରଞ୍ଜନ ପାଣିଗ୍ରାହୀ,ବିଜୁ ଯୁବବାହିନିର ବରମୁଣ୍ଡଳୀ ପଞ୍ଚାୟତର ସଭାପତି ଝୁନା ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ।

# ଗ୍ରାମ ପୁରୁଷ ଶୂନ୍ୟ, ୭ ଅଟକ

ଖଲ୍ଲିକୋଟ,୬।୮(ଡି.ଏନ.ଏ.)

## ବିଧାୟିକାଙ୍କ ଘରକୁ ପଥର ମାଡ଼ ଘଟଣା

ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟଙ୍କ ଘରକୁ ଗୁରୁବାର ପଥର ମାଡ଼ ଏବଂ ଦୁଇଜଣ ସମର୍ଥକଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଥିଲା। ଶୁକ୍ରବାର ପୋଲିସ ଭୟରେ ବିଧାୟିକାଙ୍କ ଗ୍ରାମ କେଶପୁର ପାଟଣା ପୁରୁଷ ଶୂନ୍ୟ ହୋଇଯାଇଛି। ଗ୍ରାମରେ ଗୋଟିଏ ପ୍ଲାଟୁନ ଫୋର୍ସ ମୁତୟନ ହୋଇଛନ୍ତି। ଛତ୍ରପୁର ସବକଲେକ୍ଟର ପ୍ରିୟରଞ୍ଜନ ପୃଷ୍ଟି, ଖଲ୍ଲିକୋଟ ତହସିଲଦାର ରାଜକିଶୋର ପଟ୍ଟନାୟକ ବିଧାୟିକାଙ୍କ ଘରକୁ ଯାଇ ଘଟଣାର ଅନୁସନ୍ଧାନ କରି ଫେରିଥିଲେ। ଦୀର୍ଘଦିନ ଧରି କେଶପୁର ଗ୍ରାମରେ ବିଧାୟିକାଙ୍କ ସପକ୍ଷ ଏବଂ ବିପକ୍ଷ ଗୋଷ୍ଠୀ ମଧ୍ୟରେ ଲାଗିଥିବା ବିବାଦ ଗୁରୁବାର ଉଗ୍ରରୂପ ନେଇଥିଲା। ବିପକ୍ଷ ଗୋଷ୍ଠୀଙ୍କ କହିବା ଅନୁଯାୟୀ, ବିଧାୟିକାଙ୍କ ସପକ୍ଷ ଗୋଷ୍ଠୀ ପ୍ରଥମେ ବୋମାମାଡ଼ କରିଥିଲେ। ଏଥିରେ କୌଣସି କ୍ଷୟକ୍ଷତି ହୋଇନଥିବା ଜଣାପଡ଼ିଛି। ପରେ ବିରୋଧୀ ଗୋଷ୍ଠୀର କେତେକ ଯୁବକ ମାରଣାସ୍ତ୍ର ଧରି ଦୁଇ ସମର୍ଥକଙ୍କୁ ମରଣାନ୍ତିକ ଆକ୍ରମଣ କରିବା ସହ ବିଧାୟିକାଙ୍କ ଘର ଉପରକୁ ଢ଼େଲା ମାଡ଼ କରିଥିଲେ। ପୋଲିସ ଗୋଟିଏ ଅଫୁଟା ବୋମା ଓ କେତେକ ମାରଣାସ୍ତ୍ର ଜବତ କରିଛି। ସେହିପରି ୭ ଜଣଙ୍କୁ ଅଟକ ରଖି ତଦନ୍ତ ଜାରି ରହିଛି। ପୂର୍ବରୁ ଏହି ଗ୍ରାମରେ ଥିବା ମତ୍ସ୍ୟଜୀବୀ ସୋସାଇଟର ଟଙ୍କା ବଣ୍ଟନକୁ ନେଇ ବିବାଦର ସୂତ୍ରପାତ ହୋଇଥିଲା। ପରେ ମନ୍ଦିର ଜମି ଜବରଦଖଲ ଉଚ୍ଛେଦ ଆଉ ଏକ କାରଣ ନେଇ ଗଣ୍ଡଗୋଳ ହୋଇଥିଲା। କିଛିଦିନ ପୂର୍ବେ ଏକ ଶାନ୍ତି କମିଟି ଗଠନ କରାଯାଇ ଏହାର ସମାଧାନ ପାଇଁ ଅଞ୍ଚଳର ବହୁ ଭଦ୍ର ବ୍ୟକ୍ତି ଉଦ୍ୟମ କରିଥିଲେ। କିନ୍ତୁ ତାହା କିଛିଦିନର ନୀରବତା ପରେ ବିଫଳ ହୋଇଥିଲା। ଏହିପରି ଉଗ୍ରରୂପ ନେଇଥିବା ବିବାଦ ଯୋଗୁ ସାଧାରଣ ଲୋକ ଭୟଭୀତରେ ଅଛନ୍ତି।

### ୨ ବାଲି ବୋଝେଇ ଟ୍ରାକ୍ଟର ଜବତ, ୨ ଗିରଫ

ଆସିକା ,୬।୮(ଡି.ଏନ.ଏ.)

ଆସିକା ଥାନା ଆଲିପୁର ପଞ୍ଚାୟତର ଗବନଳା ଗ୍ରାମ ନିକଟରୁ ପୋଲିସ ଶୁକ୍ରବାର ବେଆଇନ ଭାବେ ଚାଲାଣ ହେଉଥିବା ୨ ବାଲି ବୋଝେଇ ଟ୍ରାକ୍ଟର ଜବତ କରିଛି। ଏହି ମାମଲାରେ ଚନ୍ଦ୍ର ଗୌଡ ଓ ସୁବଳ ନାହାକଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତଙ୍କ ବିରୋଧରେ ଆସିକା ଥାନାରେ ନଂ. ୫୦୦, ୫୦୧/୨୧ରେ ଦୁଇଟି ପୃଥକ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତମାନେ ଗବନଳା ସଂଲଗ୍ନ ବଡନଦୀ ଘାଟରୁ ବାଲି ଉଠାଇ ଫେରୁଥିଲା ବେଳେ ପୋଲିସ ପାଟ୍ରୋଲିଂ ଦଳ ହାବୁଡରେ ପଡିଥିଲେ।

# ବାଲି ଚୋରାଚାଲାଣ ର୍‍ୟାକେଟ ଠାବ



ଗିରଫ କିଙ୍ଗପିନ ସମେତ ଟ୍ରକ ଚାଳକ

ଗୋପାଳପୁର,୬।୮(ଡି.ଏନ.ଏ.)

ତିନୋଟି ଜିଲାର ୱାଇ-ଫର୍ମ ନକଲ କରି ଅନ୍ୟ ଜିଲାରୁ ବାଲି ଚୋରାଚାଲାଣ ର୍‍ୟାକେଟକୁ ଗୋଳନ୍ଥରା ଥାନା ପୋଲିସ ଗୁରୁବାର ମଧ୍ୟରାତ୍ରିରେ ଠାବ କରିଛି। ଏଥିସହ ୧୯ ବାଲି ଟ୍ରକ ଓ ଗୋଟିଏ କାର ଜବତ କରିବା ସହ ଜଣେ କିଙ୍ଗପିନ ସମେତ ୨୦ ଜଣଙ୍କୁ ପୋଲିସ ଶୁକ୍ରବାର କୋର୍ଟଚାଲାଣ କରିଛି। ସେମାନେ ହେଲେ କିଙ୍ଗପିନ୍ ଗଞ୍ଜାମ ଜିଲାର ବଡ଼ମାଧୁପୁରର କେ.ଭଗବାନ ରେଡ୍ଡୀ ଓରଫ ତୋଫାନ, ଆନ୍ଧ୍ରପ୍ରଦେଶ ରାଜ୍ୟର କେ.ଧନଞ୍ଜୟ ରାଓ, ପି.ନାଗେଶ୍ୱର ରାଓ, ଜି.ରମେଶ, ଏନ୍.ନାଗେଶ୍ୱର ରାଓ, କେ.ଏସ୍.ନାଇଡୁ, ଆର.ଭେଙ୍କଟ ରାଓ, ବି.ଏସ୍.ନାରାୟଣ, କେ.କୁରେଶ କୁମାର, ଅମିତ କୁମାର ପାଢ଼ୀ, ତେଲେଙ୍ଗାନା ରାଜ୍ୟର ଏସ୍.ମାଧବ ରେଡ୍ଡୀ, ପି.ଚନ୍ଦ୍ରଶେଖର ରେଡ୍ଡୀ, ପି.ଗୌରୀ ଶଙ୍କର, ସିଏଚ୍ ବୁଚି, ପି.ଶଙ୍କର, ତାମିଲନାଡୁର ଡି.ଗେରୋଗେ, ଜି.ଭାସ୍କର ରେଡ୍ଡୀ, ଆର.ସ୍ୱାଦିଶ, ବିହାର ରାଜ୍ୟର ଏମ୍‌ଡି ସୋରବ୍ ଖାନ, ଏମ୍‌ଡି ସାଦନ ଖାନ। କେନ୍ଦ୍ରାପଡ଼ା ଜିଲା ଗରଦପୁର ତହସିଲ, କଟକ ଜିଲା ସାଲେପୁର ତହସିଲ, କଟକ, ଖଣ୍ଡାପଡ଼ା, ଯାଜପୁର ଜିଲା ରସଲପୁର ତହସିଲ ଆଦିର ୱାଇ-ଫର୍ମରେ ଗଞ୍ଜାମ ଜିଲା ଛତ୍ରପୁର ଋଷିକୁଲ୍ୟା ନଦୀରୁ ୧୯ ଟ୍ରକ ଯୋଗେ ବିଶାଖାପଟଣାକୁ ବାଲି ଚୋରାଚାଲାଣ ହେଉଥିଲା। ବିଶାଖାପାଟଣାରେ ଏକ ଟ୍ରକର ବାଲିକୁ ୪୦ ରୁ ୫୦ ହଜାର ଟଙ୍କାରେ ବିକ୍ରି କରୁଥିବା ଜଣାପଡ଼ିଛି। ଟ୍ରକ ଗୋଳନ୍ଥରା ଥାନାଧିକାରୀ ବିବେକାନନ୍ଦ ମହନ୍ତ ଗୁରୁବାର ରାତ୍ର ପାଟ୍ରୋଲିଂ କରୁଥିବା ବେଳେ ଗୋଳନ୍ଥରା ଚଟି ନିକଟରେ ୧୯ ଟ୍ରକକୁ ଅଟକାଇ ଯାଞ୍ଚ କରିଥିଲେ। ଉକ୍ତ ଟ୍ରକର ୧୯ ଚାଳକଙ୍କୁ ଅଟକ ରଖି ପଚରାଉଚରା କରିଥିଲେ। ଏନେଇ ପୋଲିସ ନଂ. ୨୧୧/୨୧ରେ ମାମଲା ରୁଜୁ କରିଛି। ଉକ୍ତ ୱାଇ-ଫର୍ମ ନକଲି କି ଅସଲି ସେନେଇ ଯାଞ୍ଚ ପ୍ରକ୍ରିୟା ଚାଲିଛି। ଏଥିରେ ଅନ୍ୟ କିଛି ବ୍ୟକ୍ତି ସମ୍ପୃକ୍ତ ଥିବା ମଧ୍ୟ ପୋଲିସ ଜାଣିବାକୁ ପାଇଛି।

# ବିନା ସୂଚନାରେ ଚାଲିଛି ଏମ୍‌ଜିଏନ୍‌ଆର୍‌ଇଜିଏସ୍ ପ୍ରକଳ୍ପ



ଏମ୍‌ଜିଏନଆର୍‌ଇଜିଏସ୍ ପ୍ରକଳ୍ପ କାର୍ଯ୍ୟ।

ବଲସକୁମ୍ପା,୬।୮

ଖଜୁରିପଡ଼ା ବ୍ଲକ ଆଡାସିପଡ଼ା ପଞ୍ଚାୟତ ବଡଭୁଇଁ ଗାଁରେ ବିନା ସୂଚନାରେ ଏମ୍‌ଜିଏନଆର୍‌ଇଜିଏସ୍ ପ୍ରକଳ୍ପ କାର୍ଯ୍ୟ ହୋଇଛି। ଏହି ଗାଁ ଦେଇ ଯାଇଥିବା ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା ରାସ୍ତା କଡ଼ରେ ଚାଲିଥିବା ଏମ୍‌ଜିଏନ୍‌ଆର୍‌ଇଜିଏସ୍ ପ୍ରକଳ୍ପର ଜମି ହୁଡ଼ା ମରାମତି କାମ ହୋଇଛି। ଉକ୍ତ ପ୍ରକଳ୍ପ କାମ ଶେଷ ହୋଇଯାଇଛି କିନ୍ତୁ ସରିବାର ବହୁ ଦିନ ବିତିଯାଇଥିଲେ ସୁଦ୍ଧା ନିର୍ମାଣ ହୋଇଥିବା ଫଳକରେ କୌଣସି ସୂଚନା ଲେଖାଯାଇ ନାହିଁ। ଫଳରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ହୋଇଥିବା ଜମି ହୁଡ଼ା ମରାମତି କାମର କୌଣସି ତଥ୍ୟ କାମ କରୁଥିବା ଶ୍ରମିକ, ସେହି ଅଞ୍ଚଳର ଜନସାଧାରଣ କିମ୍ବା ଯାତ୍ରୀ ଜାଣି ପାରୁନାହାନ୍ତି। କିନ୍ତୁ ସରକାରଙ୍କ ନିୟମ ଅଛି, ପ୍ରକଳ୍ପ ଆରମ୍ଭ ହେବା ପୂର୍ବରୁ ଉକ୍ତ ସ୍ଥାନରେ ସୂଚନା ଫଳକ ନିର୍ମାଣ କରି କାର୍ଯ୍ୟର ସମ୍ପୂର୍ଣ୍ଣ ତଥ୍ୟ ଦର୍ଶାଇବା। କିନ୍ତୁ ଏଠି ସରକାରଙ୍କ ନିୟମ ଉଲ୍ଲଂଘନ ହୋଇଥିବା ଦେଖିବାକୁ ମିଳିଛି। କନିଷ୍ଠ ଯନ୍ତ୍ରୀ ସ୍ନେହଲତା ପାତ୍ରଙ୍କୁ ପଚାରିବାରୁ ସୂଚନା ଫଳକ ତିଆରି ହୋଇଛି, ଯଦି ଲେଖା ହୋଇନାହିଁ ତା'ହେଲେ ଲେଖା ହେବ ବୋଲି କହିଛନ୍ତି।

# କନ୍ଧମାଳରେ ହେବ ଦ୍ୱିତୀୟ କେନ୍ଦ୍ରୀୟ ବିଦ୍ୟାଳୟ

ରାକେଶ କୁମାର ରାଉତ
ଫୁଲବାଣୀ ଅଫିସ, ୬।୮

■ପ୍ରସ୍ତାବ ଦେଲେ ବାଲିଗୁଡ଼ା ଉପଜିଲାପାଳ
■ ସରିଲାଣି ସ୍ଥାନ ଚିହ୍ନଟ
■ଅନୁମୋଦନକୁ ଅପେକ୍ଷା

କନ୍ଧମାଳ ଜିଲା ଫୁଲବାଣୀରେ ରହିଛି କେନ୍ଦ୍ରୀୟ ବିଦ୍ୟାଳୟ । ଏହି ବିଦ୍ୟାଳୟରେ ଜିଲାର ୧୨ ବ୍ଲକରେ ନିଯୁକ୍ତ ଥିବା କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ କର୍ମଚାରୀଙ୍କ ପିଲାମାନେ ଉପକୃତ ହୋଇ ପାରୁନାହାନ୍ତି। କାରଣ ଜିଲା ଦୁଇଟି ସବ୍‌ଡିଭିଜନରେ ବିଭକ୍ତ। ଗୋଟିଏ ଫୁଲବାଣୀ ଏବଂ ଅନ୍ୟଟି ବାଲିଗୁଡା। ଫୁଲବାଣୀ ସବ୍‌ଡିଭିଜନରେ ୩ ବ୍ଲକ ଯଥା ଫୁଲବାଣୀ, ଫିରିଙ୍ଗିଆ ଏବଂ ଖଜୁରିପଡା ଯାଉଛି । ବାଲିଗୁଡା ସବ୍‌ଡିଭିଜନରେ ବାକି ୯ଟି ବ୍ଲକ ଚକାପାଦ, ଟିକାବାଲି, ଜି.ଉଦୟଗିରି, ରାଇକିଆ, ଦାରିଙ୍ଗବାଡି, କ.ନୂଆଗାଁ, ବାଲିଗୁଡା, ତୁମୁଡିବନ୍ଧ ଏବଂ କୋଟଗଡ ରହୁଛି । ଫଳରେ ଏହି ୯ଟି ବ୍ଲକର ପିଲାମାନେ କେନ୍ଦ୍ରୀୟ ବିଦ୍ୟାଳୟରେ ପଢ଼ି ପାରୁନାହାନ୍ତି, କାରଣ ଫୁଲବାଣୀକୁ ଦୂରତା ବହୁତ । ଏସବୁ ସମସ୍ୟାକୁ ଉପଲବ୍ଧି କରି ବାଲିଗୁଡା ଉପଜିଲାପାଳ ଡା.ଶୁଭଙ୍କର ମହାପାତ୍ର ବାଲିଗୁଡାରେ ଏକ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ପାଇଁ ଜିଲାପାଳଙ୍କୁ ପ୍ରସ୍ତାବ ଦେବା ସହ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ମଧ ଜଣାଇଛନ୍ତି । ବାଲିଗୁଡାରେ ନୂତନ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ପାଇଁ ଉପଜିଲାପାଳ ମହାପାତ୍ର ସ୍ଥାନ ଚିହ୍ନଟକରି ଜିଲା ପ୍ରଶାସନ ତଥା ଜିଲାପାଳଙ୍କୁ ଜଣାଇଛନ୍ତି। ଏହାର ସ୍କେଚ୍ ମ୍ୟାପ୍ ମଧ ପ୍ରଦାନ କରିଛନ୍ତି । ନୂତନ କେନ୍ଦ୍ରୀୟ ବିଦ୍ୟାଳୟ ପାଇଁ ଖାଲି ଅନୁମୋଦନକୁ ଅପେକ୍ଷା ରହିଛି । ସ୍କୁଲ ନିର୍ମାଣ ନ ହେବା ପର୍ଯ୍ୟନ୍ତ ବାଲିଗୁଡା ବ୍ଲକ ସୁନାପାଙ୍ଗା ଉର୍ଦ୍ଦୁ ବିଦ୍ୟାଳୟରେ ଅସ୍ଥାୟୀ ଭାବେ କେନ୍ଦ୍ରୀୟ ବିଦ୍ୟାଳୟ ଚଳାଇବାକୁ ନିବେଦନ କରିଛନ୍ତି । ଏଥିସହ ଉର୍ଦ୍ଦୁ ବିଦ୍ୟାଳୟରେ ସମସ୍ତ ସୁବିଧା ଥିବା ଜଣାଇଛନ୍ତି ।

କନ୍ଧମାଳ ଜିଲାର ବଡ ସବ୍‌ଡିଭିଜନ ହେଉଛି ବାଲିଗୁଡା । ଏହା ଅଧୀନରେ ୯ଟି ବ୍ଲକ ରହିଛି । ଯାହା ଫୁଲବାଣୀରୁ ୮୦ କି.ମି.ଦୂର । ବାଲିଗୁଡାରେ ଅଧିକାଂଶ ଜନସାଧାରଣ କନ୍ଧ(ଏସ୍‌ଟି) ସମ୍ପ୍ରଦାୟର ଅଟନ୍ତି । ଏମାନେ ସମସ୍ତେ ଚାଷ କାର୍ଯ୍ୟ, ଜଙ୍ଗଲଜାତ ଦ୍ରବ୍ୟ ଏବଂ ଦିନମଜୁରି ଉପରେ ନିର୍ଭର କରନ୍ତି । ବାଲିଗୁଡା ଉପଖଣ୍ଡରେ ସିବିଏସ୍‌ଇ, ଆଇସିଏସ୍‌ଇ ପାଠ୍ୟକ୍ରମ ପାଇଁ କେନ୍ଦ୍ରୀୟ ବିଦ୍ୟାଳୟ, ନବୋଦୟ ବିଦ୍ୟାଳୟ, ଡିଏଭି ଏବଂ ଦିଲ୍ଲୀ ପବ୍ଲିକ ସ୍କୁଲ(ଡିପିଏସ୍)ନାହିଁ। ଫଳରେ ଅଭିଭାବକ ବାଧ ହୋଇ ସେମାନଙ୍କ ପିଲାଙ୍କୁ ବ୍ରହ୍ମପୁର, ନୟାଗଡ ଏବଂ ଭୁବନେଶ୍ୱରରେ ପଢ଼ାଇବାକୁ ବାଧ ହେଉଛନ୍ତି। ବାଲିଗୁଡା ଉପଖଣ୍ଡରେ ସମସ୍ତ ସରକାରୀ କାର୍ଯ୍ୟାଳୟ ରହିଛି । ଯଥା ଉପ ଜିଲାପାଳଙ୍କ କାର୍ଯ୍ୟାଳୟ, ବନଖଣ୍ଡ କାର୍ଯ୍ୟାଳୟ, ଥାନା, ଏସ୍‌ଡିପିଓଙ୍କ କାର୍ଯ୍ୟାଳୟ, ଏସ୍‌ଡିଜେମ୍‌ଙ୍କ କାର୍ଯ୍ୟାଳୟ, ଆଦିବାସୀ ଉନ୍ନୟନ ସଂସ୍ଥା(ଆଇଟିଡିଏ), ବ୍ଲକ, ତହସିଲ, ଗ୍ରାମ୍ୟ ନିର୍ମାଣ ବିଭାଜନ, ପୂର୍ତ୍ତ ବିଭାଗ ଆଦି ଅନେକ ସରକାରୀ କାର୍ଯ୍ୟାଳୟ, ଜାତୀୟକରଣ ବ୍ୟାଙ୍କ ଆଦି ରହିଛି । ଏସବୁ କାର୍ଯ୍ୟାଳୟରେ କାମ କରୁଥିବା କର୍ମଚାରୀମାନେ ବିଭିନ୍ନ ସ୍ଥାନରୁ ରହିଛନ୍ତି। ସେମାନଙ୍କ ପିଲାଙ୍କୁ ଭଲ ଶିକ୍ଷା ଦେବା ପାଇଁ ଉପଯୁକ୍ତ ସ୍କୁଲ ନାହିଁ ।

ଆଖପାଖ ଜିଲାରେ ୫ରୁ ୬ କେନ୍ଦ୍ରୀୟ ବିଦ୍ୟାଳୟ ରହିଥିବା ବେଳେ ଆମ ଜିଲାରେ ଗୋଟିଏ । ଏସବୁ ସମସ୍ୟାକୁ ଦୃଷ୍ଟିରେ ରଖି ବାଲିଗୁଡାରେ ନୂତନ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିବା ପାଇଁ ସରକାରଙ୍କୁ ପ୍ରସ୍ତାବ ଦେବା ଲାଗି ବାଲିଗୁଡା ଉପଜିଲାପାଳ ମହାପାତ୍ର କନ୍ଧମାଳ ଜିଲାପାଳ ଡା.ବୃନ୍ଦା ଡିଙ୍କୁ ଚିଠିରେ ଅବଗତ କରିଛନ୍ତି ।

